ଶିଶୁକବିତା: ଟିକିପରୀକି

ରଚନା: ଲଲାଟେନ୍ଦୁ କବି

ଟିକିପରୀକି

ଟିକିପରୀକି ଭାଗ - ୧

- ଅ

ଅଗଣାରୁ ପାରି ଦେବି ଟିକି ପରୀ

ନିତି ସୁଆଦିଆ ଫଳ;

ଅଳପ ଦିନରେ ଖେଳିବୁ ଧନ ରେ,

ଦେହରେ ଲାଗିବ ବଳ |୧

- ଆ

ଆମ୍ବୁଲ ଖାଇବୁ, କି ଲାଭ ପାଇବୁ?

ଦେହ ସାଥେ କିଆଁ ଗେଲ?

ଆଚାର ଖାଅନା, ସେଥିରେ ଲଳନା

ପୁରୁଣା ପଚରା ତେଲ ||୨|

- ଇ

ଇତସ୍ତତଃ ମନ ତେଜି କର ଧନ

ଦୟା ସେବା ଯୋଗ ଶ୍ରମ:

ଇହଲୋକ ପାଇଁ ସ୍ୱାସ୍ଥ୍ୟ ଲୋଡା ଭାଇ,

ପରଲୋକ ପାଇଁ ଧର୍ମ ||୩||

-                ଈ

ଈଶ୍ୱରେ ନିରତ   ଥିବୁ ଅପ୍ରଚ୍ୟୁତ

ସେ ଏକା କଷଣହାରୀ;

ଈହ ହେଲେ ଡେରି   ନ ଯିବୁ ଓହରି,

ଓହରିଲେ ଯିବୁ ହାରି ||୪||

ଅପ୍ରଚ୍ୟୁତ= ଅବିଚାଳିତ;

-

ଲଲାଟେନ୍ଦୁ କବି ୨୦୧୮ ଫେବୃ. ପ୍ରଥମ ସପ୍ତାହ

====================

ଟିକିପରୀକି ଭାଗ-୨

ଉ

ଉଷସୀ ହସରେ   ପାହାନ୍ତି ପହରେ

ସହଳ ବିଛଣା ଛାଡି

ଉଠି ଧୋଇଧାଇ   ମଶାରୀ ଫିଟାଇ

ବିଛଣା ରଖିବୁ ଝାଡି ||୫||

ଉଷସୀ= ସିନ୍ଦୂରା ଫାଟିବା ସମୟ;

ଊ

ଊଣା କରିବୁନି ମନ ଆରେ କୁନି,

ବଗିଚା ଆସିବୁ ବୁଲି;

ଊର୍ମିକାଟେ ବୋଲି ଫୁଲ ତୋଳି ତୋଳି

କୋଳେ ମୋ ପଡିବୁ ଝୁଲି ॥୬॥

ଊର୍ମିକା= ଗୁଞ୍ଜନ, ଗୁଞ୍ଜରଣ, **humming;**

ଏ,-ଐ

ଏପରି କରମ କରୁଥିବୁ ଧନ

ହସିବୁ, ହସିବେ ଜନ,

ଐକାନ୍ତିକେ ଯେବେ ତୋ କଥା ଭାଳିବେ

ଢାଳିବେ ଆଶୀର୍ବଚନ ॥୭॥

ଐକାନ୍ତିକ= ନିଶ୍ଚଳ;

ଓ-ଔ

ଓଧ ସାଥେ ବଣ- ଭୁଆ ପରି ଧନ

ନ ମିଶିବୁ ଖଳ ସାଥେ;

ଔଦ୍ବାର୍ଯ୍ୟ କରି ସେ ଲୁଚିବ ପୟସେ

ଭୁଆ ଯିବ କେଉଁ ଗାତେ ?୮॥

ଔଦ୍ବାର୍ଯ୍ୟ= ଉଦ୍ବାର୍ଯ୍ୟପଣିଆଁ; ପୟସ୍= ଜଳ;

ଲଲାଟେନ୍ଦୁ କବି ୨୦୧୮୦୨୦୮୦୧୨୬

ଟିକିପରୀକି ପଦେ

ଟିକିପରୀକି ଭାଗ-୩

କ

କାହାଣୀ କବିତା   କାଢି ତୁ ଦୁହିତା

କାଗଜ କଲମ ଧରି

କଠିନ ଶବଦ,   କବିତାର ପଦ

ଘୋଷିବୁ ବନାନ କରି ॥ ୯ ॥

ବନାନ= ବର୍ଣ୍ଣାୟୋଜନ (ବର୍ଣ୍ଣ+ ଆୟୋଜନ);

ଖ

ଖାତାରେ ଲେଖିଲେ   ମୁଖେ ବଖାଣିଲେ

ରଖି ତୁ ପାରିବୁ ମନେ ।

ଖେଳିବୁ ଖାଇବୁ   ସୁଖେ ଶୋଇଯିବୁ

ଖଟୁଥିବୁ ବିଦ୍ୟାର୍ଜନେ ॥ ୧୦ ॥

ଗ

ଗଣିତ କଷିବୁ,   ଭୂଗୋଳ ପଢିବୁ,

ବିଜ୍ଞାନଠୁ ଇତିହାସ,

ଗୋଟିଗୋଟି ତାର   ଦେଖିଲେ ଅକ୍ଷର

ବୁଝି ଯିବୁ ଅନାୟାସ ॥ ୧୧ ॥

ଘ

ଘରେ କି ଘାଟରେ ଘଟେ ଘଟାନ୍ତରେ

ବିଦ୍ୟାକୁ ରଖ ଆଦରି;

ଘୋର ଆପଦାରେ, ଘୋରା ଅନ୍ଧକାରେ,

ଯାଏନା ସେ ପର କରି ॥ ୧୨॥

ଘୋରା= ରାତ୍ରି;

ଚ

ଚାହାଳୀ ଚାଳରେ ଚଢେଇ ମେଳରେ

ଚହଳ ପଡିଲା ପରି

ଚାରିଟା ଛୁଟିରେ ଆସିବୁ ଚାଲି ରେ

ଚାଟଙ୍କର ହାତ ଧରି ॥ ୧୩॥

ଛ

ଛୁଟି ହେଲା ଜାଣି ତୋ ବହି ବସ୍ତାନି

ନ ଛାଡି ଚାହାଳୀ ଘରେ;

ଛୋଟ ଖାତା ଖଡି ରଖିବୁ ସଜାଡି

ଛଡା ବହି ସରାଗରେ ॥ ୧୪॥

ଲଲାଟେନ୍ଦୁ କବି ୨୦୧୮୦୨୧୧୧୫୫୫

ଟିକିପରୀକି ଭାଗ ୪

(ଟିକିପରୀ ବଡ ହେବାରେ)

ଜ

ଜହ୍ନରାତି ହେଲେ   କେବେ ସଞ୍ଜବେଳେ

ଦେଖିବୁ ସଜନା ଡାଳେ

ଜନ୍ତୁ ପରି ମୁଖ   ଆସିବ ଉଲୂକ,

ତରୁତୂଳିକା ଅକାଳେ ‖୧୫‖

ଉଲୂକ= ପେଚା; ତରୁତୂଳିକା= ବାଦୁଡି;

-       ଝ

ଝାମ୍ପିବାକୁ ପୁଷି   ଝଟା ତଳେ ବସି

ଖୋଜୁଥିବ ଧାନ୍ୟ-ଅରି

ଝଲସା ଆଖିରେ   ଦିଶିବ ରାତିରେ

ବାଘ ନୋହି ବାଘ ପରି ||୧୬||

ଧାନ୍ୟାରି= ମୂଷା;

ଟ

ଟୁକେଇ ମୂଷାଟେ   ଦେଖିଲେ ସେ ବାଟେ

ଟାଙ୍କୁରିବ ବୃଷାହାର;

ଟିକିଟିକି କରି   ଦେହ ତାର ଚିରି

କରି ଦେବ ନାରଖାର ||୧୭||

ବୃଷାହାର= ବିଲେଇ, ଯିଏ ମୂଷା ଖାଏ;

ଠ

ଠୁକୁରୁ ଠାକୁରୁ ଫେରି ଅଗଣାରୁ

ଖୋଲିବୁ ତୋ ଖାତା ପତ୍ର;

ଠାକୁରଙ୍କୁ ଡାକି ବତୀ ଜାଳି ରଖି

ଲେଖି ଯିବୁ ହସ୍ତାକ୍ଷର ||୧୮||

ଲଲାଟେନ୍ଦୁ କବି ୨୦୧୮୦୨୧୮-୦୩୪୯

ଟିକିପରୀକି ଭାଗ-୫

ଡ

ଡାଳପରେ ବସି ଦେଖୁଥିବ ଶଶୀ

ଆରେ ମୋ କୁଳନନ୍ଦିନୀ,

ଡାକି ପଢ ପାଠ ହେବୁ ବଡ ଚାଟ,

ଲେଖୁ ଥିବୁ ଦୈନନ୍ଦିନୀ || ୧୯||

ଦୈନନ୍ଦିନୀ= ଦିନଲିପି, **diary;**

ଢ

ଢୋଲ ନ ବଜାଇ ଢମାଳି ନ ଥାଇ

କରିବୁ ହିତ ସାଧନ;

ଢୁଳାଇବୁ ନାହିଁ ଢିଲା ଦେବୁ ନାହିଁ

ପାଠରେ ରଖିବୁ ମନ || ୨୦||

ତ

ତୋତେ କହିଥିଲି   ଜହ୍ନ ଦେଖ ଗେଲି

ସେହି ଗଛ ଶାଖାଟାରେ;

ତୁ ଥିଲୁ ଛୋଟିଆ,   ତେଣୁ ସେ ଭଳିଆ

କହୁଥିଲି ମିଛଟାରେ || ୨୧||

ଥ

ଥାଏ ସେ ସତରେ   ଗୋଲିଆ ପଥରେ

ମହାକାଶେ ବହୁ ଦୂରେ,

ଥରଟେ ମାସକୁ   ପୃଥିବୀ ଆଡକୁ

ଗୋଟେ ପଟ ରଖି ଘୂରେ || ୨୨||

ଦ

ଦାଗ ଯେତେ ତାର   କାଳିମା ଅନ୍ଧାର,

ଗର୍ତ୍ତ, ମୃତୋଭବ ଖାଲି,

ଦରିଆର କୋଳେ   ଜଳ ନାହିଁ ତିଳେ,

ଦେହ ସାରା ତାର ବାଲି || ୨୩||

ମୃତୋଭବ= ସମୁଦ୍ର;

ଧ

ଧୂଳିଆ ଧୂସର   ଦେହ ସାରା ତାର,

ଉଡେ ନାହିଁ କିନ୍ତୁ ଧୂଳି;

ଧରି ରଖି ନାହିଁ   ବାୟୁ ଯେଣୁ ସେହି,

ସେଠି ନ ଧରିବ ତୁଳୀ || ୨୪||

ଲଲାଟେନ୍ଦୁ କବି   ୨୦୧୮୦୨୨୧୦୫୪୪

ଟିକିପରୀକି . ଭାଗ-୬

ନ

ନ ରଖି ନିକଷ   ନିରତ ନିବାସ

କରୁଥିବୁ ସତ୍ୟ ପାଶେ;

ନ ଯିବୁ ନିଃସରି ନ୍ୟାୟ ଠାରୁ ଡରି

ନିର୍ବୋଧ କାହାରି ଭାଷେ ||୨୫

ନିକଷ= ଶ୍ରେଣୀ ବିଭାଗ, criterion;

ପ

ପ୍ରତିପଦା ଗତେପୂର୍ଣ୍ଣମାସୀ ପଥେ

ଶଶୀ ବଢେ ପ୍ରତିଦିନ;

ପଢିବୁ ସେପରି   ପାଠ ତୁ ଆହୁରି

ପ୍ରୀତି ଭରି ଅବିଚ୍ଛିନ୍ନ ||୨୬

ଫ

ଫୁଲେ ଫୁଲେ ବସି ଫୁଲରେଣୁ ଶୋଷି

ମଧୁପ ହରିଲା ପରି

ଫଳକ ଫଳକ ପାଲଟି ପୁସ୍ତକ

ପଢ ଗୋଟି ଗୋଟି କରି ||୨୭

ଫଳକ ଫଳକ ପାଲଟି= ପୃଷ୍ଠା ପୃଷ୍ଠା ଓଲଟାଇ;

ଫ

ବ୍ରାହ୍ମଣ୍ୟ ବ୍ରତରେ ବିଜୟ ରଥରେ

ବାସୁରା-ବାସର ବାସେ

ବୋଧଯୁକ୍ତ ସର୍ବେ ଆପଣାର ହେବେ;

ନ ଯିବୁ ବଡିମା ପାଶେ ||୨୮

ବ୍ରାହ୍ମଣ୍ୟ= ପବିତ୍ର; ବାସୁରାବାସର= ରାତ୍ରିଦିନ; ବାସେ= ସୁବାସରେ;

ଭ

ଭୂରୁହ ଯେସନ ଭବ୍ୟ ଭାରେ ଧନ

ଭୂମି ମୁଖେ ନଇଁ ଆସେ ,

ଭରି ବିଦ୍ୟା-ଭୂତି ହେଉ ତୋର ମତି

ସୁଶୀଳ ସଭିଙ୍କ ପାଶେ ||୨୯

ଭୂରୁହ= ଗଛ; ଭବ୍ୟ= ଫଳ; ଭୂତି= ଧନ, ଅଳଙ୍କାର;

ମ

ମତ୍ସର, ମନ୍ଦତା,ମିଥ୍ୟା-ମନସ୍ୱିତା

ମୂଳୁ ଦେବୁ ପରିହରି;

ମଧୁର ଉଚ୍ଚାରେ   ମମତା ସମ୍ଭାରେ

ସଭିଙ୍କୁ ନେବୁ ଆଦରି ||୩୦

ମତ୍ସର, ମନ୍ଦତା= ଈର୍ଷ୍ୟା, ଆଳସ୍ୟ;

ଲଲାଟେନ୍ଦୁ କବି   ୨୦୧୮୦୨୨୮୨୧୩୧

ଟିକିପରୀକି ଭାଗ-୭

(ଟିକିପରୀ ବଡ ହେବାରେ)

ଯ

ଯାମିନୀନାଶରେ   ଯଜନ ଶେଷରେ

ଯାଅ ଶ୍ୱଶ୍ରୂ ନିକେତନ,

ଯୌବନୋପଚୟେ   ରହି ପିତ୍ରାଳୟେ

କଟିବ କି ତୋ ଜୀବନ । ୩୧

ଯଜନ= ଯଜ୍ଞ, କ୍ରିୟାକର୍ମ; ଶ୍ୱଶ୍ରୂ= ଶାଶୂ; ଉପଚୟ= ବଢିବା, **growth;**

ର

ରହି ଗ୍ରାମାଞ୍ଚଳେ ରାଜିକା ଗହଳେ

ରାତ୍ରିଦିନ ଅତିଗତେ

ରୁଚିର ଭାବନ ଉତ୍ତମ ଚିନ୍ତନ

ଦେଇଛି ମା ଶକ୍ତିମତେ । ୩୨

ରାଜିକା= କ୍ଷେତ୍ର, ବିଲ;

ଲ

ଲଳିତା ଦୁହିତା ଲୋତକପ୍ଲାବିତା

ଝରାଅନା ଅଶ୍ରୁରାଶି,

ଲୋକାନ୍ତରେ ମାତା ଦେଖି ତା ଶ୍ରଦ୍ଧିତା

ଲୋଳିତା ନ ହେଉ ବେଶି । ୩୩

ଲଳିତ= ସୁଦର୍ଶନ, lovely (ସ୍ତ୍ରୀ= ଲଳିତା);

ବ

ବିହ୍ଵଳ ଦୃଗ୍ଜଳେ ପ୍ଲାବିତ କଜ୍ଜଳେ

ବାତ୍ସଲ୍ୟ-ବିକଳ ସେହି,

ବିହାୟସେ ଥାଇ ଅଶ୍ରୁ ବରଷାଇ

କହେ କାହିଁ ଜେମା-ଦେଈ ! ୩୪

ଦୃଗ୍ଜଳ= ଲୁହ; ବିହାୟସ= ଆକାଶ;

ଟିକିପରୀକି ପଦେ

ଶ

ଶୋକାତୁରା ସେହି ଶୁଶ୍ରୁଷଣସ୍ନେହୀ

ଶାନ୍ତମତି ତୋର ମାତା

ଶଶୀ କୋଳେ ବସି ପ୍ରବେଶିଲେ ନିଶି

ଦିଏ ତୋତେ ଆଶୀର୍ବ୍ବାର୍ଦ୍ଦା । ୩୫

ଶୁଶ୍ରୁଷଣସ୍ନେହୀ= ଶୁଶ୍ରୁଷଣ (ଶୁଣିବା ଇଚ୍ଛା, ସେବା ମନୋବୃତ୍ତି)ରେ ସ୍ନେହ (ଆଦର) ଯାହାର ସେ;

ଷ

ଷୋଡଶ ବତ୍ସରଆସ୍ୟ ଦେଖି ତୋର

ବିତାଇ ଦେଇଛି ବୋଲି,

ଷଡ ଋତୁ ଏବେ କାଟିବି କି ଭାବେ

ନ ଭାଳିବୁ ଅଳିଅଳି ।୩୬

ଷୋଡଶ ବତ୍ସର= ଷୋହଳ ବର୍ଷ; ଆସ୍ୟ= ମୁହଁ;

ସ

ସୁନାର ସଂସାରଅନ୍ୱେଷି ତାହାର

ମାତା ତୋର ଦିଏ ଦେଖା,

ସୋମଧାରେ ଭାସି ଆସିବ ଉଦାସୀ

ମୁହୂର୍ତ୍ତେ ନ ହେବି ଏକା । ୩୭

ସୋମଧାରା= ଛାୟାପଥ, **milky way;**

ହ

ହର୍ଷିତ ଆନନେ ଉଷସୀ ଲଗନେ

ପ୍ରସ୍ଥିତିର ବାଦ୍ୟତାନେ,

ହାତ ରଖି ହାତେ ହସ୍ତଗ୍ରାହ ସାଥେ

ଯାଅ ନବ ବାସସ୍ଥାନେ । ୩୮

ଉଷସୀ= ଉଷା; ପ୍ରସ୍ଥିତି= ବିଦାୟ; ହସ୍ତଗ୍ରାହ= ସ୍ୱାମୀ ପତି;

ଲଲାଟେନ୍ଦୁ କବି ୨୦୨୧୦୩୧୭୧୦୦୨